## ସଂକ୍ଷେପରେ

### ବୃଦ୍ଧଙ୍କ ମୃତଦେହ ଜବତ

ଛତିଆ,୯।୧୨(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଛତିଆ ବିଟ୍ ହାଉସ ଅଧୀନ ଚମ୍ପାପୁର-ଛତିଆ ରୋଡ୍‌ର ଏକତାଳିଆ ଛକ ନିକଟ ନିଶିକାନ୍ତ ରାଉଳଙ୍କ ଦୋକାନ ବାରଣ୍ଡାରୁ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ କରିଛି ଛତିଆ ବିଟ୍ ହାଉସ ପୋଲିସ। ସୋମବାର ସକାଳୁ ଦୋକାନ ବାରଣ୍ଡା ଝାଡୁ କରିବା ପାଇଁ ନିଶିକାନ୍ତଙ୍କ ପରିବାର ଲୋକ ଯାଇଥିଲାବେଳେ ବୃଦ୍ଧଜଣଙ୍କ ବାରଣ୍ଡାରେ ଶୋଇଥିଲେ। ତାଙ୍କୁ ଡାକିଲେ ସେ ନ ଶୁଣିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ତୁରନ୍ତ ଏ ସମ୍ପର୍କରେ ନିଶିକାନ୍ତଙ୍କ ପରିବାର ପୋଲିସକୁ ଖବର ଦେଇଥିଲେ। ଛତିଆ ବିଟ ହାଉସ ଅଧିକାରୀ ମହେନ୍ଦ୍ର କୁମାର ସେଠୀ, କନଷ୍ଟେବଳ ତାପସ ରାଉତରାୟ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବୃଦ୍ଧଜଣକ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ପ୍ଲାଷ୍ଟିକ ବୋତଲ, ଜରି ଗୋଟାଇ ଏଣେତେଣେ ବୁଲୁଥିବା ଲୋକେ ସୂଚନା ଦେଇଛନ୍ତି।

### ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଚଣ୍ଡିଖୋଲ,୯।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରଦା ଗ୍ରାମରେ ପୋଖରୀରେ ବୁଡ଼ି ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାନାମ୍ବର ସାମଲ(୭୧)। ବାନାମ୍ବର ପୋଖରୀକୁ ଶୌଚହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ତାଙ୍କୁ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବରଦା ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ସେ ବିକ୍ରମ ତିରଣ ପଞ୍ଚାୟତର କଂଗ୍ରେସ ସଭାପତି ଭାବେ ବହୁଦିନ ଧରି କାର୍ଯ୍ୟ କରିଥିଲେ।

### ମୃତଦେହ ଦାହକଲା ଭଗତ ସିଂ ଯୁବକ ସଂଘ

ଯାଜପୁରରୋଡ୍,୯।୧୨(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରର ନହକା ବାଇପାସ ଆଦିବାସୀବସ୍ତିରେ ରହୁଥିବା ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ମୃତଦେହ ଦାହ କରିଛି ବ୍ୟାସନଗରର ଅଗ୍ରଣୀ ସମାଜସେବୀ ସଂଗଠନ ଶହୀଦ ଭଗତ ସିଂ ଯୁବକ ସଂଘ। ସମ୍ପୃକ୍ତ ବ୍ୟକ୍ତିଙ୍କ ସୋମବାର ସକାଳେ ମୃତ୍ୟୁ ହୋଇଥିଲା। ସେ ଭିକ୍ଷାବୃତ୍ତି କରି ଚଳୁଥିବାରୁ ତାଙ୍କ ପରିବାର ଲୋକେ ମୃତଦେହ ଦାହପାଇଁ ଅସୁବିଧାର ସମ୍ମୁଖୀନ ହେଇଥିଲେ। ଆଇନଜୀବୀ ରବୀନ୍ଦ୍ର ନାୟକ ଏ ସମ୍ପର୍କରେ ଯୁବକ ସଂଘକୁ ଜଣାଇଥିଲେ। ଖବରପାଇ ଶହୀଦ ଭଗତ ସିଂ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ କୁମାର ଧୀର, ଭେଷଜ ବିଜ୍ଞାନୀ ଜଗଦୀଶ ମହାରଣା, ବୈଇଦ ପଣ୍ଡା ଓ ଗୋବିନ୍ଦ ଚନ୍ଦ୍ର ବାରିକ ପ୍ରମୁଖ ପହଞ୍ଚି ସ୍ଥାନୀୟ ଗୋଶାଳା ଶ୍ମଶାନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ଦାହ କରିଥିଲେ। ଆଦିବାସୀ ବସ୍ତିର ଡକ୍ଟର ଟୁଡୁ, ରବି ମାରାଣ୍ଡି, ରାଜୁ ମୁଣ୍ଡା, ରାଜକିଶୋର ଦଳେଇ, ରାମ ହାଁସଦା, ବାଦଲ ହାଁସଦା, ଫାଦୁର ମୁର୍ମୁ, ଗୋପାଳ ଟୁଡୁ, ଯାଦୁ ହେମ୍ବ୍ରମ ଓ ଜୀବନ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଜନବସତି ନିକଟରେ କ୍ରଶର, ମେଟାଲ କ୍ୱାରି

- ଦୁର୍ଦ୍ଦଶା ଭୋଗୁଛନ୍ତି ଆଦିବାସୀ
- ମାପଚୁପ ନିର୍ଦ୍ଦେଶକୁ ତହସିଲଦାରଙ୍କ ଅଣଦେଖା

ଯାଜପୁର,୯।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଚଢ଼େଇଧରା ଛକ ନିକଟ ଓ ଢେଙ୍କାନାଳ ଜିଲା ଗଁଦିଆ ତହସିଲ ଅଧୀନ ନିହଲପ୍ରସାଦ ମୌଜାର ୨ଟି ପତିତ କିସମ ଜମିରେ ଏକ ଘରୋଇ ସଂସ୍ଥା ଦ୍ୱାରା ଗଢ଼ିଉଠିଛି କ୍ରଶର ଏବଂ ମେଟାଲ କ୍ୱାରି। ତେବେ ତାହା ସେହି ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ବସତିଠାରୁ ୨୦୦ ମିଟର ଭିତରେ ରହିଥିବା ଅଭିଯୋଗ ହୋଇଛି। ଏହା ସହ ସେହି ଅଞ୍ଚଳର ୬୧ ଜଣ ଆଦିବାସୀ ବସୁନ୍ଧରା ଯୋଜନାରେ ପାଇଥିବା ଗୁଣ୍ଠକିଆ ଜମିକୁ ଉକ୍ତ ସଂସ୍ଥା ମାଟି ପକାଇ ନଷ୍ଟ କରିଦେଇଛି। ଏନେଇ କ୍ଷତିଗ୍ରସ୍ତ ଆଦିବାସୀମାନେ ୨୦୨୨ରେ ଉକ୍ତ ଘରୋଇ ସଂସ୍ଥା ବିରୋଧରେ ଢେଙ୍କାନାଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ବସୁନ୍ଧରା ଯୋଜନାରେ ପାଇଥିବା ଜମିର ଚିହ୍ନଟ ପାଇଁ ଆଦିବାସୀମାନେ ୨୦୨୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ୩୨୨୧୨/୨୦୨୨ ଓ ୩୪୨୦୫/୨୦୨୨ ନମ୍ବରରେ ଏକ ରିଟ୍ ପିଟିଶନ ମାମଲା ରୁଜୁ ହୋଇଛି। ହାଇକୋର୍ଟ ୩୦।୧୧।୨୦୨୨ ଏବଂ ୧୬।୧୨।୨୦୨୨ରେ ଗଁଦିଆ ତହସିଲଦାରଙ୍କୁ ୨ ମାସ ମଧ୍ୟରେ ଆଦିବାସୀଙ୍କ ଅଭିଯୋଗ ଅନୁସାରେ ଜମି ମାପଚୁପ କରି ସେମାନଙ୍କ ପ୍ଲଟ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ ୨ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ତହସିଲଦାର କୌଣସି ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି।

ଢେଙ୍କାନାଳ ଜିଲା ନିହଲପ୍ରସାଦ ପଞ୍ଚାୟତର ନୂଆକଷ୍ଟିପାଳ ଏବଂ ବେଗା ପଞ୍ଚାୟତର ଶ୍ରୀମନ୍ତପୁର ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କ୍ରଶର ଓ କ୍ୱାରି ଚଳାଇବା ପାଇଁ ଉକ୍ତ ଘରୋଇ ସଂସ୍ଥା ଅସ୍ଥାୟୀ ଅନୁମତି ପାଇଛି। କିନ୍ତୁ ଅନୁମତି ପାଇଥିବା ପରିମାଣଠାରୁ ୧୦ଗୁଣ ଖଣି ଖନନ କରି ଦୈନିକ ବହୁ ହଜାର ଟ୍ରିପ୍ କଳାପଥର(ମେଟାଲ) ଯାଜପୁର ଜିଲାକୁ ଚାଲାଣ କରୁଛି। ଏଥିଯୋଗୁ ସରକାରଙ୍କ ବହୁ କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି। ଜନବସତିଠାରୁ କ୍ରଶର ଦୂରତା ପ୍ରାୟ ୨୦୦ ମିଟର ହେବ। ତେଣୁ ନୂଆକଷ୍ଟିପାଳ ଓ ଶ୍ରୀମନ୍ତପୁର ଗ୍ରାମର ବାସିନ୍ଦା କ୍ରଶରର ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଛନ୍ତି। ନିୟମିତ ବାୟୁ ପ୍ରଦୂଷଣରେ ଅନେକ ମାରାତ୍ମକ ରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ଗୋଚର ଜମି ଉପରେ ବଡ଼ ବଡ଼ ମେଶିନ ଲଗାଇ ୱାଗନ ଡ୍ରିଲ୍ ସହାୟତାରେ ବିସ୍ଫୋରକ ବ୍ୟବହାର କରି ବ୍ଲାଷ୍ଟ କରାଯିବା ଯୋଗୁ ସେମାନଙ୍କ ଘର ଭାଙ୍ଗିଗଲାଣି। ଘରୋଇ ସଂସ୍ଥା ପାଇଥିବା ଜାଗାଠାରୁ ମାତ୍ର ୧୦୦ ମିଟର ଦୂରରେ ଗେଲ୍ ଇଣ୍ଡିଆ ଦ୍ୱାରା ଗ୍ୟାସ୍ ପାଇପ୍‌ଲାଇନ୍ ବିଛାଯାଇଛି। ତେଣୁ ବିସ୍ଫୋରକ ଦ୍ୱାରା ବ୍ଲାଷ୍ଟ କରାଯିବା ଯୋଗୁ ଗ୍ୟାସ୍ ଲାଇନ୍ ବ୍ଲାଷ୍ଟ ହେବା ଆଶଙ୍କା ରହିଛି। ତେଣୁ ସେଠାରୁ ୨୫୦ ମିଟର ଦୂରରେ ଥିବା ଜନବସତି ପ୍ରତି ବିପଦ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଅଭିଯୋଗ ହେବାପରେ ଜିଲାପାଳ ଏକ ତଦନ୍ତ କମିଟି ଗଠନ କରି ୧୬।୨।୨୦୨୩ରେ ଗଁଦିଆ ତହସିଲଦାରଙ୍କ ଉକ୍ତ କ୍ରଶରଟିକୁ ବନ୍ଦ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାର ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କୌଣସି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶର ପରବର୍ତ୍ତୀ ସମୟରେ ଘରୋଇ ସଂସ୍ଥା ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ହୋଇଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଗଁଦିଆ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ପଚରାଯିବାରେ ସେ କହିଛନ୍ତି, ସେ ଗତ ୨ ମାସ ହେଲା ଏଠାରେ ଯୋଗ ଦେଇଛନ୍ତି। ଆଦିବାସୀଙ୍କ ଜମି ଉପରେ କ୍ରଶର ଏବଂ ଖାଦାନ ଥିବା ଅଭିଯୋଗ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ତଥାପି କାଗଜପତ୍ର ତନଖି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଉକ୍ତ ସଂସ୍ଥାର ଚଢ଼େଇଧରା ନିକଟ କ୍ରଶରରେ ବେଆଇନ ଭାବେ କଳାପଥର ଆଣି ଗେଟି, ମେଟାଲ ଆଦିରେ ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଜିଲାର ସୀମାନ୍ତବର୍ତ୍ତୀ ଢେଙ୍କାନାଳ ଅଞ୍ଚଳରୁ ବେଆଇନ କଳାପଥର ଆଣୁଥିବା କ୍ରଶର ୟୁନିଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଇଚ୍ଛାପୁର ଗ୍ରାମରେ କୁରାଳ ପଞ୍ଚମୀ ପର୍ବ



ରସୁଲପୁର,୯।୧୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ କୁରାଳ ପଞ୍ଚମୀ ପର୍ବ ୫ଦିନ ଧରି ପାଳିତ ହୋଇଆସୁଛି। ମଙ୍ଗଳବାର ଏହି ପର୍ବ ଉଦ୍‌ଯାପିତ ହେବ ବୋଲି ପୂଜା କାର୍ଯ୍ୟରେ ନିୟୋଜିତ ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି। ପୂଜା ଉତ୍ସବ ଅବସରରେ କୁମ୍ଭକାର ପରିବାର କୌଳିକ ବୃତ୍ତି କାର୍ଯ୍ୟରେ ବିରାମ ଦେଇ କୂଳଦେବତା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରା ଓ ଲକ୍ଷ୍ମୀ ନାରାୟଣଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ମୂଳ ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ପୂଜାପୀଠରେ ଘଟ ସ୍ଥାପନ ପରେ ରୀତିନୀତିର ସହ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଦେବଦେବୀଙ୍କ ଚକ୍ଷୁଦାନ କରାଯିବା ସହ ସୂର୍ଯ୍ୟପୂଜା, ଧେନୁପୂଜା, ଷୋଡ଼ଶ ଉପଚାର ପୂଜା, ବଡସିଂହାର ପୂଜା, ହୋମାଗ୍ନି ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ସକାଳ ଧୂପ ସମୟରେ ମଣ୍ଡପ ନିକଟରେ ଭଜନ ସଂକୀର୍ତ୍ତନ ପରିବେଷଣ କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ମଲୋଡି, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ଗାଁର ଯୁବକମାନେ ପରିଚାଳନା କରୁଛନ୍ତି। ବୁଧବାର ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ଅଭୟପୁର ପଞ୍ଚାୟତରେ ସ୍ୱାଭିମାନ ମଞ୍ଚ ଗଠିତ




ବୈଠକରେ ଯୋଗଦେଇଥିବା ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା।

କାଏମା,୯।୧୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁର ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ସ୍ୱାଭିମାନ ମଞ୍ଚ ଗଠନ କରାଯାଇଛି। ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷାବିତ୍ ଅକ୍ଷୟ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସ୍ମୃତିରଞ୍ଜନ ବେହେରା ବୈଠକର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ସମସ୍ତ ବ୍ୟକ୍ତିଙ୍କ ସହମତିରେ ଅଭୟପୁର ସ୍ୱାଭିମାନ ମଞ୍ଚ ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପଞ୍ଚାୟତର ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ କରାଯିବା ନିମନ୍ତେ ମଞ୍ଚ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ସାହୁ, ଅନନ୍ତ ଚରଣ ପ୍ରଧାନ, ରବୀନ୍ଦ୍ର ନାୟକ, ବିକ୍ରମ ସାହୁ, ଦିଗ୍‌ବିଜୟ ରାଉତ, କପିଳେନ୍ଦ୍ର ସେଠୀ, ରମେଶ ବେହେରା, ଅବନୀ ବେହେରା, ସରୋଜ ଖଟୁଆ, ତ୍ରିଲୋଚନ ସାହୁ, ଶତ୍ରୁଘନ ପ୍ରଧାନ, ବ୍ରହ୍ମାନନ୍ଦ ସାହୁ, ସୁଧାକର ରାଉତ ପବିତ୍ର ସେଠୀ, ନଳିନୀକାନ୍ତ ବରାଳ, ସୋମ୍ୟଶ୍ରୀ ଦାସ, ଅମରେନ୍ଦ୍ର ମହାନ୍ତି, ସୋମନାଥ ଲେଙ୍କା, ନିମାଇଁ ବାରିକ ଓ ବୀରକିଶୋର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ୱାର୍ଡରେ ପାଞ୍ଚ ଜଣ ସଭ୍ୟ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ସରପଞ୍ଚ ହରିହର ମଳିକ ଧନ୍ୟବାଦ ଦେଇଥିଲେ।

# ଚଣ୍ଡିଖୋଲରେ ଏସ୍‌ଡିପିଓ ଅଫିସ ପାଇଁ ବିଧାୟକଙ୍କ ଦାବି

ଚଣ୍ଡିଖୋଲ,୯।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବିଧାୟକ ଅମର କୁମାର ନାୟକ ଚଣ୍ଡିଖୋଲରେ ଏସଡିପିଓ ଅଫିସ ଖୋଲିବାକୁ ଦାବି କରିଛନ୍ତି। ମଙ୍ଗଳବାର ବିଧାନ ସଭାରେ ପ୍ରଶ୍ନ କରି ସେ ଜଣାଇଛନ୍ତି କି ଦୀର୍ଘ ଦିନ ହେବ ଏହି ପ୍ରସ୍ତାବ ରହିଛି। ଯାଜପୁର ଏସଡିପିଓ କାର୍ଯ୍ୟାଳୟ ଅଧୀନରେ ୭ ଥାନା ଥିବାବେଳେ ଯାଜପୁର ରୋଡ ଏସଡିପିଓ କାର୍ଯ୍ୟାଳୟ ଅଧୀନରେ ୧୧ ଥାନା ରହିଛି। ଯାହାକି କାର୍ଯ୍ୟ କରିବାକୁ ଅସୁବିଧା ସୃଷ୍ଟି ହେଉଛି। ଯାଜପୁର ରୋଡ କାର୍ଯ୍ୟାଳୟଠାରୁ ବଡ଼ଚଣା ଓ ବୈରୀ ଥାନା ବହୁ ଦୂର ହୋଇଯାଉଛି। ତେଣୁ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଚଣ୍ଡିଖୋଲଠାରେ ପ୍ରସ୍ତାବିତ ଥିବା ଏସଡିପିଓ କାର୍ଯ୍ୟାଳୟ ତୁରନ୍ତ ଖୋଲିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇନ ମନ୍ତ୍ରୀ ଉତ୍ତର ରଖି ବ୍ୟକ୍ତିଗତ ଭାବେ ବଡ଼ଚଣା ବିଧାୟକଙ୍କୁ ସମସ୍ତ କାଗଜପତ୍ର ଦେଖାଇବେ ବୋଲି କହିଛନ୍ତି।

# ବଡ଼ଚଣାରେ ଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଓ ଏସ୍‌ପି ଜନଅଭିଯୋଗ ଶୁଣାଣି କରୁଛନ୍ତି।

ଚଣ୍ଡିଖୋଲ,୯।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଓ ଏସପିଙ୍କ ଯୁଗ୍ମଜନଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ମୋଟ ୧୫୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୯, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୯୯ ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦୪ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଶିବାଶିଷ ମହାରଣା, ଉପ ଜିଲାପାଳ ଅଂଶୁମାନ ଶତପଥୀ, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଜିଲସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଧାରପୁର ପଞ୍ଚାୟତରେ ମିଳିତ ଜନଶୁଣାଣି ଶିବିର

ବରୀ,୯।୧୨(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଧାରପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୧୫ ଅଭିଯୋଗ ପଞ୍ଜୀକୃତ ହୋଇଛି। ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ଜେନା, ଡିଇଓ ଆଲୋକ



ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ଅଧିକାରୀ, ମିଶନ ଶକ୍ତି ବିପିସି ଗଣେଶ୍ୱର ସ୍ୱାଇଁ, ଉଦ୍ୟାନ କୃଷି ଅଧିକାରୀ ମୋନାଲିସା ଅଧିକାରୀ, କୃଷି ଅଧିକାରୀ ରୂପାଲି ପଣ୍ଡା, ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏମ୍‌ଆର ଦିବ୍ୟ ଦର୍ଶନୀ, ବରୀ ଥାନା ହାବିଲଦାର ରସାନନ୍ଦ ସେଠୀ, ସୌମ୍ୟରଞ୍ଜନ ଧଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଡାଙ୍ଗି ମୁର୍ମୁ, ଡିଇଓ ମାନଗୋବିନ୍ଦ ବାରିକ, ସରପଞ୍ଚ କୁନା ମଳିକ ଓ ସମିତିସଭ୍ୟ ଶ୍ରୀଧର ସେଠୀ ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଉପସ୍ଥିତ ରହି ଶିବିର ପରିଚାଳନାର ସହଯୋଗ କରିଥିଲେ।

# ବିଶ୍ୱ ଏଡ୍‌ସ ସପ୍ତାହ ପାଳିତ

ଧର୍ମଶାଳା,୯।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହିଳା ଜୁନିୟର ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ଓ ରେଡ୍ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ବନ୍ଦିତା ସାମଲ ଅଧକ୍ଷତା କରିଥିଲେ। ଅଧ୍ୟାପିକା ମାଙ୍ଗଳିକା ଦାସ, ପ୍ରଭାସିନୀ ପ୍ରଧାନ, ସୋନାଲି ସାହୁ, ଶୁଶ୍ରୀତା ରାଉତ ପ୍ରମୁଖ ଯୋଗଦେଇ ଏଡ୍‌ସ ନିରାକରଣ ଉପରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଯୁବ ରେଡକ୍ରସ ଶାଖା ପକ୍ଷରୁ ସଂଯୋଜିକା ସୁନିତା ମହାନ୍ତି, ଲକ୍ଷ୍ମୀପ୍ରିୟା ବାରିକ, କାର୍ତ୍ତିକ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ବାରିକ, ଲକ୍ଷ୍ମୀଧର ବରାଳ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ସ୍ଥାନୀୟ କୁମାରୀ ଓ ଦେଉଳି ଗ୍ରାମରେ ସପ୍ତାହେ ବ୍ୟାପୀ ଛାତ୍ରୀମାନଙ୍କ ଦ୍ୱାରା ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।



ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧ୍ୟାପିକା ଓ ଛାତ୍ରୀମାନେ।

# ଦୂଷିତ ପରିବେଶ ପାଇଁ ଲଢ଼ିବେ ବରିଷ୍ଠ ନାଗରିକ

## ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

ରସୁଲପୁର,୯।୧୨(ରଂଜିତ ରାଉତ):

ରସୁଲପୁର ବ୍ଲକ ବଡ଼କଇଞ୍ଚି ପଞ୍ଚାୟତ ମଧୁବନ ହାଟସ୍ଥିତ ମା' ହିଙ୍ଗୁଳା ପୀଠରେ ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଦୂଷିତ ପରିବେଶ ଓ କଳୁଷିତ ସାମାଜିକ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ବରିଷ୍ଠମାନେ କାର୍ଯ୍ୟରୁ ଅବସର ନେବା ପରେ ପରିବାରଠାରୁ ଆରମ୍ଭ କରି ସମାଜର ସ୍ଥିତି ସମ୍ପର୍କରେ ବିଚାର, ବିମର୍ଷ କରିବାରେ ଏକ ସୁଯୋଗ ପାଇଥାନ୍ତି। ସେମାନେ ଜୀବନର ଚଲାପଥରେ ଅନେକ ଭୁଲତ୍ରୁଟି କରି ସେଥିରୁ ଶିକ୍ଷାଲାଭ କରି ଶାଣିତ ହୋଇଥାନ୍ତି। ଭୁଲରୁ ଯେଉଁ ଶିକ୍ଷାଲାଭ କରିଥାଆନ୍ତି, ତାକୁ ପାଥେୟ କରି ପରବର୍ତ୍ତି ପିଢ଼ିଙ୍କ ପଥ ପ୍ରଦର୍ଶକ ସାଜିଥାନ୍ତି। ଏହାଛଡ଼ା ପାଣିପାଗର ପରିବର୍ତ୍ତନ ଓ ଦୂଷିତ ପରିବେଶକୁ ନେଇ ବରିଷ୍ଠମାନେ ଚିନ୍ତା ପ୍ରକଟ କରିଛନ୍ତି। କଳୁଷିତ ସମାଜ ଓ ଦୂଷିତ ପରିବେଶକୁ ସଜାଡ଼ିବା ଦିଗରେ ଲଢେଇ ଆରମ୍ଭ କରିବେ ବୋଲି ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି।




ମା' ହିଙ୍ଗୁଳା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ମୁଖ୍ୟବକ୍ତା ଭାବରେ ଶ୍ରମିକ ନେତା ତଥା ଅଣସଂଗଠିକ ଶ୍ରମିକ ସଂଘ ସଭାପତି ବିଦ୍ୟାଧର ମହାନ୍ତି, ସମ୍ମାନ ଅତିଥି ଭାବେ ଗୋପୀନାଥ ପତି, ପୂର୍ବତନ ଜିଲାପରିଷଦ ସଦସ୍ୟ ସତ୍ୟସ୍ୱରୂପ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସାମାଜିକ ମର୍ଯ୍ୟାଦା, ସମ୍ମାନ, ଅଧିକାର ଓ ସେମାନଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିଳ୍ପୀ ପର୍ଶୁରାମ ବେହେରା, ଶିକ୍ଷାବିତ୍ ପ୍ରଭାକର ସାହୁ, ଖବରଦାତା ରଂଜିତ ରାଉତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରବୋଧ ନାୟକ ଅସୁସ୍ଥତା ଯୋଗୁ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବାରୁ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଏହାଛଡ଼ା ମଧୁବନ ଅଞ୍ଚଳର ୭ ବରିଷ୍ଠ ନାଗରିକ (୮୦ବର୍ଷରୁ ଊର୍ଦ୍ଧ୍ୱ) ଚୈତନ୍ୟ ସାହୁ, ବାବନ ସାହୁ, ଆତୁଳ ସାହୁ, ଗଗନ ମଲିକ, କପିଳେନ୍ଦ୍ର ପଣ୍ଡା, ବଳରାମ ଦ୍ୱିବେଦୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ସମ୍ପାଦକ ନଟବର ସେଠୀ, ବିବରଣୀ ପାଠ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ କୀର୍ତ୍ତନ ବିହାରୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦୁଃଶାସନ ସାହୁ ଧନ୍ୟବାଦ ଦେଇଥିଲେ।

## ମଦ ଦୋକାନ ଆଗରେ ଗଣ୍ଡଗୋଳ

ପାରାଦୀପ,୯।୧୨(ଶରତ ରାଉତ)

ପାରାଦୀପ ଆଦର୍ଶ ଥାନା ପାଖ ବଡ଼ପଡିଆ ବିଲ୍ଡିଂ ମାର୍କେଟରେ ସୋମବାର ରାତି ୮ଟାରେ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ବ୍ୟବସାୟୀଙ୍କ ମୁଣ୍ଡ ଫାଟିଯାଇଛି। ସେ ହେଲେ ପ୍ରଶାନ୍ତ ଦାସ। ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣକାରୀ ମଦ ଦୋକାନ ଆଗରେ ଦୀର୍ଘ ସମୟ ଧରି ଗାଳି ଗୁଲଜ କରୁଥିଲେ। ଏନେଇ ପ୍ରଶାନ୍ତ କିଛି କହିବାରୁ ଅଭିଯୁକ୍ତ ଏକ ମଦ ବୋତଲରେ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଆକ୍ରମଣକାରୀଙ୍କୁ ଥାନାକୁ ନେଇ ଅଟକ ରଖିଛି। ସେ ଶାସକ ଦଳର ଜଣେ କର୍ମୀ ବୋଲି ଜଣାପଡିଛି। ଏହି ଘଟଣାର ସିସିଟିଭି ଫୁଟେଜ ଭାଇରାଲ ହୋଇଛି।

# ସ୍କୁଲ ଫାଟକରେ ତାଲା ପକାଇ ରାସ୍ତାରୋକୋ

### ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ର ଅଶାନ୍ତି

ପାଟକୁରା,୯।୧୨(ରବୀନ୍ଦ୍ର ନାଥ ବାରିକ)


ଛାତ୍ରମାନେ ଟାୟାର ଜାଳି ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

ଗରଦପୁର ବ୍ଲକ କୋରୁଆ ସରକାରୀ ହାଇସ୍କୁଲର ଏନସିସି ଶିକ୍ଷକ ସୌମେନ୍ଦ୍ର ସେଠୀଙ୍କ ଅନ୍ୟତ୍ର ବଦଳିକୁ କେନ୍ଦ୍ର କରି ଛାତ୍ର ଅଶାନ୍ତି ବଢ଼ିଛି । ସଂପୃକ୍ତ ଶିକ୍ଷକଙ୍କ ବଦଳି ଆଦେଶ ବାତିଲ କରିବା ପାଇଁ ବିଦ୍ୟାର୍ଥୀମାନେ ଜିଦ୍ ଧରିଛନ୍ତି । ଶନିବାର ବିଦ୍ୟାର୍ଥୀମାନେ ଗେଟରେ ତାଲା ପକାଇ ପ୍ରତିବାଦ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲା ଶିକ୍ଷାଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିବାରୁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ସୋମବାର ଗେଟରେ ତାଲା ପକାଇବା ସହିତ ରାସ୍ତାରୋକୋ କରିଥିଲେ । ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ସେଠୀ ପହଞ୍ଚି ଗେଟ ତାଲା ଖୋଲିବାକୁ ପିଲାମାନଙ୍କୁ ବୁଝାଇଥିଲେ । ସେଠାରେ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ମଲିକ ମଧ୍ୟ ଉପସ୍ଥିତ ଥିଲେ । ଖାଲି ପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବେ ବୋଲି ବ୍ଲକ ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେବା ପରେ ବି ବିଦ୍ୟାର୍ଥୀମାନେ କିଛି ଶୁଣି ନ ଥିଲେ । ଫଳରେ ବ୍ଲକ ଶିକ୍ଷାଧିକାରୀ ଫେରି ଯାଇଥିଲେ । ଗରଦପୁର ତହସିଲଦାର ତୃପ୍ତି ଦାସ ପହଞ୍ଚି ବିଦ୍ୟାର୍ଥୀମାନଙ୍କୁ ବୁଝାଇଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିଲା । ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ଥିବାରୁ ଜିଲା ଶିକ୍ଷା ଅଧିକାରୀ ଯୁଗ୍ମ ତଦନ୍ତ କରାଇ ତାଙ୍କର ବଦଳି କରିଥିବା ଜଣାଯାଇଛି । ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ କୋଦାନଗରୀ ଥାନା ତରଫରୁ ବ୍ୟବସ୍ଥା କରାଯାଇଥିଲା ।

## କଷଣଅଣ୍ଟା ହାଇସ୍କୁଲରେ ଅଭିମୁଖୀକରଣ କାର୍ଯ୍ୟକ୍ରମ



ଅଭିମୁଖୀକରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ପଟ୍ଟାମୁଣ୍ଡାଇ,୯।୧୨(କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ଦ୍ୱାରା ପଟ୍ଟାମୁଣ୍ଡାଇ ବ୍ଲକରେ ନୂତନ ଭାବେ ନିଯୁକ୍ତ ପାଇଥିବା କନିଷ୍ଠ ଶିକ୍ଷକମାନଙ୍କୁ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ୬ବର୍ଷ ପୂରଣ କରିଥିବା ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ କଷଣଅଣ୍ଟା ହାଇସ୍କୁଲଠାରେ ଏକ ଦିନିକିଆ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରାଜ୍ୟସ୍ତରୀୟ ଶିକ୍ଷକ ନେତା ସିଆରସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟ ବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ଏବିଇଓ ପ୍ରେମବାଳା ମହାପାତ୍ର, କଷଣଅଣ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା ଶିକ୍ଷାବିତ୍ ସୁରେଶ ଜେନା, ହିମାଂଶୁ ଶେଖର ସାହୁ ଉମାକାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ନୂତନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ବିଦ୍ୟାଳୟରେ ଆପାର ଆଇଡି ସମ୍ପୂର୍ଣ୍ଣ କରିବା, ସ୍କୁଲ ୟୁ ଡାଇସ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ନିଷ୍ପାର ସହିତ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ସିଆରସିସି ରଞ୍ଜନ ସାହୁ ସ୍ୱାଗତଭାଷଣ ଓ ସିଆରସିସି ସୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲା ଶିକ୍ଷାଧିକାରୀ ନାଗ ଚାକିରୀ କାଳ ୬ ବର୍ଷ ପୁରଣ କରିଥିବା ୪୯ଜଣ କନିଷ୍ଠ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଶେଷରେ ସିଆରସିସି ଅରବିନ୍ଦ ବଳ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ କନିଷ୍ଠ ଶିକ୍ଷକ ସଂଘ ସଭାନେତ୍ରୀ କ୍ରିଷ୍ଣାବେଣୀ କର, ସମ୍ପାଦକ ମୃତ୍ୟୁଞ୍ଜୟ ନାୟକ,ସାଇ ଶୁଭଲକ୍ଷ୍ମୀ ରଥ, ସଙ୍ଗୀତା ବେହେରା ଇମିଲ୍ ରାୟ, ପ୍ରମୁଖ ପରିଚାଳନା କରିଥିବାବେଳେ ସିଆରସିସି ବିଭୂ ରଞ୍ଜନ ସାହୁ, ଲକ୍ଷ୍ମଣ ବିହାରୀ ସେଠୀ, ଶ୍ରୀରାମ ଜେନା, ଏମ୍‌ଡି ମସିଉଲ୍ହା,ସତ୍ୟବ୍ରତ ସାମନ୍ତରାୟ ମନୋଜ ସେଠୀ, ବିନୟ ଦାସ, ରଞ୍ଜନ ବେହେରା,ଲୋକନାଥ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## କୃଷକଙ୍କ ସମୃଦ୍ଧିରେ ଧାନର ଅତିରିକ୍ତ ସହାୟକ ଟଙ୍କା

କେନ୍ଦ୍ରାପଡ଼ା,୯।୧୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୪୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଚଳିତ ଖରିଫ ଋତୁରେ ସରକାରୀ ମଣ୍ଡିରେ ଧାନ ବିକିବେ। ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଥିବା ବେଳେ ରାଜ୍ୟ ସରକାର ଏଥିରେ ଅତିରିକ୍ତ ସହାୟତା ଭାବେ ୮୦୦ ଟଙ୍କା ଚାଷୀଙ୍କୁ ଦେବେ, ଯାହା କୃଷକଙ୍କ ସମୃଦ୍ଧିରେ ଆସିବ ବୋଲି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ରବିବାର ଆୟୋଜିତ ସଭାରେ ଅତିଥିମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ ଜିଲା ସୋହେଲାଠାରେ କୃଷକଙ୍କ ସରକାରୀ ମଣ୍ଡିରେ ଧାନ ମୂଲ୍ୟ ପରେ ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଏହାର ସିଧା ପ୍ରସାରଣ ସହ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ସଭାପତି ଲିଳିତା ଦାସ, ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଏଡିଏମ ନିଲୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ଏହି ଅତିରିକ୍ତ ସହାୟତା ଯୋଜନା କୃଷିଭିତ୍ତିକ ଏହି ଜିଲା ପାଇଁ ଉପଯୁକ୍ତ କହିଥିଲେ । ଏହି ସଭାରେ ଜିଲାର ସମସ୍ତ ବ୍ଲକ ଅଞ୍ଚଳର ଚାଷୀମାନେ ଯୋଗ ଦେଇଥିଲେ ।

## ଭିତରକନିକାରେ ୪୫ ଅତିରିକ୍ତ ବନସଂରକ୍ଷକଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବନସଂରକ୍ଷକ।

ରାଜନଗର,୯।୧୨(ଭାସ୍କର ରାଉତରାୟ)

ଡେରାଡୁନସ୍ଥିତ ସିଏଏସ୍ଏଫ୍ଓଏସ୍ ପ୍ରଶିକ୍ଷଣ ସେଣ୍ଟରରୁ ୪୫ଜଣ ଅତିରିକ୍ତ ବନସଂରକ୍ଷକ ପ୍ରଶିକ୍ଷାର୍ଥୀ ଦିନିକିଆ ଭିତରକନିକା ଜାତୀୟ ଉଦ୍ୟାନରେ ପହଞ୍ଚି କୁମ୍ଭୀର, ହାଚେରି, ସଂଗ୍ରାହଳୟ, ଗୋରୀ, ମଲ୍ଲୀ, ଶ୍ୱେତା, ସ୍କାଏ ୱାକ, ଭିତରକନିକା ନଦୀରେ ଭ୍ରମଣ କରିବା ସହିତ ଲୁଣା ଜଙ୍ଗଲର ଉପକାରିତା ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ବନସଂରକ୍ଷକ ଗଗନ ବିହାରୀ ମଲିକ, ଗବେଷକ ପ୍ରସନ୍ନ କୁମାର ନାୟକ, ନିରାକାର ବେହେରା ପ୍ରମୁଖ ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ଭିତରକନିକା ବୁଲିବା ସହିତ ବୋଟ୍ ଯୋଗେ ଗୁପ୍ତି ଯାଇଥିଲେ।

## ପଟ୍ଟାମୁଣ୍ଡାଇରେ 'ଶୀତ ମୋ ମିତ' ଶୀର୍ଷକ କବିତା ଆସର

ପଟ୍ଟାମୁଣ୍ଡାଇ,୯।୧୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଟାଉନ କ୍ଲବଠାରେ 'ଶୀତ ମୋ ମିତ' ଶୀର୍ଷକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ଡା.ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟ ଓ ଉପସ୍ଥାପନାରେ ଆୟୋଜିତ କବିତା ଆସରରେ କଥାକାର ପ୍ରଧାପକ ଡ.ନୀଳମଣି ଲେଙ୍କା ମୁଖ୍ୟଅତିଥି ଅତିରିକ୍ତ ତହସିଲଦାର ଦିଲୀପ ନାଏକ ମୁଖ୍ୟବକ୍ତା, ସଂଗୀତଜ୍ଞ ରବୀନ୍ଦ୍ରନାଥ ମିଶ୍ର, ଖବରଦାତା ଅନୀଲ୍ ଚୌଧୁରୀ, ଅଧାପକ ବିରଜାନନ୍ଦ ମହାନ୍ତି ପ୍ରମୁକ ଯୋଗ ଦେଇ ଆମ ମାଟି ଓ ତା'ର ସ୍ରଷ୍ଟା ଆମର ଗର୍ବ ଓ ଗୌରବ ବୋଲି ମତପ୍ରକାଶ କରିଥିଲେ । ଏହି କବିତା ଆସରରେ କବି ତ୍ରିଲୋଚନ ଜେନା, କବୟତ୍ରୀ ଆରାଧନା ଦାଶ, ଡ.ନାରାୟଣ ପ୍ରସାଦ ଜେନା,ରାମକୃଷ୍ଣ ଦାଶ,ପୂଣ୍ୟଶ୍ଳୋକ ଭରଦ୍ୱାଜ ନରହରି ଦାସ,ପ୍ରମୋଦ ନାୟକ ଓ ଶରତ କୁମାର ଦାଶ ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । କବୟିତ୍ରୀ ଆରାଧନା ଦାଶ ଧନ୍ୟବାଦ ଦେଇଥିଲେ ।

## ମିଳିତ ଜନ ଶୁଣାଣି ଶିବିରରେ ଶହେ ଅଭିଯୋଗ

ମହାକାଳପଡ଼ା,୯।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳାପଡ଼ା ବ୍ଲକ ଅଳାଇଲୋ ପଞ୍ଚାୟତ ଅଫିସରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶହେ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୮୨ ବ୍ୟକ୍ତିଗତ ଓ ୧୮ସାମୂହିକ ଅଭିଯୋଗ ଥିଲା। ପାନୀୟଜଳ , ଆବାସଗୃହ ନିର୍ମାଣ , ରାଶନ ସାମଗ୍ରୀ ବଣ୍ଟନ , ଭତ୍ତା ବଣ୍ଟନ ପାଇଁ ଆବେଦନ , ଶିକ୍ଷା , ସ୍ୱାସ୍ଥ୍ୟ ଭଳି ଅଭିଯୋଗ ହୋଇଥିଲା। ସବୁ ଅଭିଯୋଗର ଶୁଣାଣୀ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର , ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କାଟରିଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ତହସିଲଦାର ଶିବ ମଲିକ, ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲିକଙ୍କ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

## ଡକାୟତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

### ଶ୍ୱଶୁର ବୋହୂଙ୍କୁ ଭୁଜାଲିରେ ହାଣି ଲୁଟ୍ ଘଟଣା

ଆଳି,୯।୧୨(ବନମାଳୀ ସେନାପତି)



କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡୁଛି । ଗତ ୪ ତାରିଖ ସନ୍ଧ୍ୟାରେ ଅଙ୍ଗାରଖ ଡକାୟତ ଘଟଣାକୁ ୬ ଦିନ ବିତି ଯାଇଥିବା ବେଳେ ପୋଲିସ ହାତ ଖାଲି ପଡିଛି। ଡକାୟତଙ୍କ ଆତଙ୍କରେ ଆତଙ୍କିତ ଅବସ୍ଥାରେ ଆଳି ଅଞ୍ଚଳବାସୀ ରହୁଥିବା ବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ଅନ୍ଧାରରେ ବାଡ଼ି ବୁଲାଉଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଆଳି ଥାନା ଅନ୍ତର୍ଗତ ଅଙ୍ଗାରଖ ଗ୍ରାମର ପ୍ରଭାକର ପ୍ରଧାନଙ୍କ ପରିବାର ଲୋକ ବୁଧବାର ସନ୍ଧ୍ୟାରେ ଘରେ ଥିବା ବେଳେ ହଠାତ ତାଙ୍କ ଘରେ ଡକାୟତମାନେ ପହଞ୍ଚି ଟ୍ରାକ୍ଟର ଭଡା ନେବା କଥା କହି ଅତର୍କିତ ଆକ୍ରମଣ କରି ଲୁଟ୍ ଉଦ୍ୟମ କରିଥିଲେ। ପ୍ରଭାକର ଓ ତାଙ୍କ ବୋହୂ ଅନୁସ୍ମିତାଙ୍କୁ ଭୁଜାଲିରେ ହାଣି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୋଟିଏ ଘରେ ଭର୍ତ୍ତି କରିବା ସହିତ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ସେହି ଘରେ ପୁରାଇ ବନ୍ଦ କରି ଦେଇଥିଲେ । ସେମାନେ କାଳେ ଲୁଟ୍ ସମ୍ପର୍କରେ କାହାକୁ ଜଣାଇଦେବେ ସେ ନେଇ ସମସ୍ତଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ । ପ୍ରାୟ ୬ ଜଣ ଡକାୟତ ପ୍ରଭାକରଙ୍କ ଘର ଭିତରେ ପଶି ୩ ଗଡ଼ରେଜ, ବାକ୍ସ ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେବା ସହିତ ନଗଦ ଟଙ୍କା ମଧ୍ୟ ନେଇ ଯାଇଥିଲେ । ଲୁଟେରାଙ୍କ ଭୁଜାଲି ଆକ୍ରମଣରେ ପ୍ରଭାକରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ବୋହୂ ଅନିସ୍ମିତାଙ୍କ ମୁଣ୍ଡ ଓ କାନକୁ ଆକ୍ରମଣ କରିଥିଲେ । ଲୁଟେରାମାନେ ଯିବା ପରେ ପ୍ରଭାକର ଓ ତାଙ୍କ ବୋହୂ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେବା ସହ ଆଳି ଥାନାରେ ଅଭିଯୋଗ କରିଥିଲେ। ଆଳି ପୋଲିସ ତଦନ୍ତ କରିବା ସହିତ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନେଇଥିଲେ । ଘଟଣା ସ୍ଥଳକୁ କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଆସି ଫେରି ଯାଇଥିବା ବେଳେ ଲୁଟେରାଙ୍କୁ ଗିରଫ କରିବାରେ ପୋଲିସ ଅସମର୍ଥ ହୋଇଛି।

## ବାଲ୍ୟବିବାହ ପ୍ରତିଜ୍ଞା ଅଭିଯାନ



ବାଲ୍ୟ ବିବାହ ନିରାକରଣ ପାଇଁ ଶପଥ ନେଉଥିବା ଛାତ୍ରୀ।

ରାଜକନିକା,୯।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟଠାରେ ଶୁକ୍ରବାର ବାଲ୍ୟବିବାହ ପ୍ରତିଜ୍ଞା ଅଭିଯାନ ଆରମ୍ଭ ହୋଇଛି । ବାଲ୍ୟବିବାହର ନିରାକରଣ ଓ କିଶୋର ସଶକ୍ତିକରଣ ନିମିତ୍ତ ପ୍ରତିଜ୍ଞା ଅଭିଯାନର ଲକ୍ଷ୍ୟ ରହିଛି । କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ସୁପରଭାଇଜର ବାସନ୍ତୀ ପରିଡ଼ା, ଚିତ୍ରକଳା ଜେନା, ପ୍ରଶାନ୍ତ ମହାରଣା, ଡୁଲି ହେମ୍ବ୍ରମ, ବିଦ୍ୟୁତ୍‌ପ୍ରଭା ଅଧିକାରୀ, ପ୍ରଭୁପାଦ, ବୈଦେହୀ ବେହେରା, ସ୍ନେହଲତା ସେଠୀ, ସବିତା ସାମଲ, ମାନସ ଦାସ, ଶିଶିରବାଳା ବଳ, କାଜଲ ଦାସ, ମୋନାଲିସା ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ, ଲିଙ୍ଗଗତ ତଥା ଜାତିଗତ ଭେଦଭାବ ପ୍ରମୁଖ ପ୍ରସଙ୍ଗ ଉପରେ ଏକ ସଚେତନଧର୍ମୀ ଅଭିଯାନ ଆରମ୍ଭ କରିଥିଲେ । ଅଭିଯାନ ଗତ ୬ରୁ ଆରମ୍ଭ ହୋଇ ଆସନ୍ତା ୨୬ ଯାଏ ଚାଲିବାକୁ ଅଛି ବୋଲି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ଓ ଜୀବିକା ମିଶନର କର୍ମୀ ସାମିଲ ଥିଲେ ।

## ହାଣ୍ଡିଶାଳଠାରୁ ମଶାଣି ଯାଏ ବିଜ୍ଞାନର ଗୁରୁତ୍ୱ ରହିଛି

### ଡେରାବିଶ ବ୍ଲକସ୍ତରୀୟ ବିଜ୍ଞାନ ମେଳା

- ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ୧୨୧ ପ୍ରକଳ୍ପ ପ୍ରଦର୍ଶିତ

ଡେରାବିଶ,୯।୧୨( ବେବର୍ତ୍ତା ଅଜୟ ଦାସ)


ଅତିଥିମାନେ ବିଜ୍ଞାନମେଳାର ପ୍ରକଳ୍ପ ବୁଲି ଦେଖୁଛନ୍ତି।

ହାଣ୍ଡିଶାଳଠାରୁ ମଶାଣୀ ଯିବା ଯାଏ ବିଜ୍ଞାନର ଗୁରୁତ୍ୱ ରହିଛି ବୋଲି ଅତିଥିମାନେ ମତ ଦେଇଛନ୍ତି। ଡେରାବିଶ ବ୍ଲକ ଅଧୀନ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହିମେଳାରେ ସମୁଦାୟ ୧୨୧ଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୭ଟି ପ୍ରକଳ୍ପକୁ ସର୍ବଶ୍ରେଷ୍ଠ ବିବେଚନା କରାଯାଇ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଛି। ପୂର୍ବାହ୍ନରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତ୍ରୀଦେବ ବେହେରା, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ଅରବିନ୍ଦ ମଲିକ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସମିତିସଭ୍ୟ ଫନିନ୍ଦ୍ର ବେହେରା, ବିଆରସିସି ଦେବଦତ୍ତ ଶତପଥୀ ଓ ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ବ୍ଲକ ବିଜ୍ଞାନ ସଂଯୋଜକ ମନୋରଞ୍ଜନ ତ୍ରୀପାଠୀ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ରୋଜାଲିନି ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ବିଭୂତିଭୂଷଣ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବିଇଓ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଲିଳିତା ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ବିଡିଓ ନମିତା ବାରିକ ଏବଂ ମୁଖ୍ୟବକ୍ତା ଭାବେ ପ୍ରଧାପକ ଡ. ପ୍ରଭାତ ରଞ୍ଜନ ମହାନ୍ତି ଯୋଗଦେଇ ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ବିଜ୍ଞାନ ମେଳା ଉପରେ ଗୁରୁତ୍ୱରୋପ କରାଯାଇଛି ବୋଲି କହିଥିଲେ। ଅନ୍ତର୍ନିହିତ ବୌଜ୍ଞାନିକ ପ୍ରତିଭାକୁ ବିକଶିତ କରି ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତ ନିର୍ମାଣ କରିପାରିବେ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅରକ୍ଷିତ କାଣ୍ଡି, ଶିକ୍ଷାବିତ୍ ବିଧାନ ସାମଲ ଓ ଦୀପକ କୁମାର ସାହୁ, ଏବିଇଓ ସଞ୍ଜିକାନ୍ତ ମିଶ୍ର ଓ ଖଗେଶ୍ୱର ନାୟକ ଏବଂ ଜିଲା ବିଜ୍ଞାନ ପରିଦର୍ଶକ ନିଶିଥ୍ ବାରିକ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷାବିତ୍ ଈଶ୍ୱରଚନ୍ଦ୍ର ପୃଷ୍ଟିଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷକ ଆଶୀଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ଲଲାଟ କେଶରୀ ଭୂୟାଁ, ରମେଶଚନ୍ଦ୍ର ପତି, କନକଲତା ପୃଷ୍ଟି, ପ୍ରମୋଦ କୁମାର ମଲ୍ଲଙ୍କ ସମେତ ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

## ୧୯୮୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ପଟ୍ଟାମୁଣ୍ଡାଇ,୯।୧୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ନିକଟସ୍ଥ ଜୟହିନ୍ଦ୍ ଉଚ୍ଚ ବିଦ୍ୟାଳୟରେ ୧୯୮୦ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ବେହୁରା, ଚର୍ତୁଭୁଜ ରାଉତ, କାଳିନ୍ଦୀ ମହାରଣାଙ୍କ ସମେତ ପ୍ରଦୀପ୍ତ ବିଶ୍ୱାଳ, ଗୁରୁଚରଣ ବିଶ୍ୱାଳ, ଭାସ୍କର ମଲିକ, ରିତ ସାହୁ, କୈଳାସ ସେଠୀ, ପ୍ରଦୀପ ମଲିକ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପୁରାତନ ଶିକ୍ଷକ ଓ ଛାତ୍ରୀଛାତ୍ର ପୁରୁଣା ଅନୁଭୂତି ପ୍ରକାଶ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରାୟ ୫୦ଜଣ ପୁରାତନ ଛାତ୍ରୀଛାତ୍ର ଏହି ଉତ୍ସବରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜ ମଲିକ, ଜନ୍ମେଜୟ ମଲିକ, ଅଶୋକ ମଲିକ, ବିଜୟ ବିଶ୍ୱାଳ, ପ୍ରଶାନ୍ତ ମଲିକ, ବିଜୟ ପ୍ରଧାନ, ମନୋରଞ୍ଜନ ସାହୁ, ବ୍ରହ୍ମାନନ୍ଦ ବେହୁରା, ନିରଞ୍ଜନ ମଲିକ, ଶଶୀକଳା ସାମଲ, ରମଣୀ ପାଢୀ, ଶାନ୍ତିଲତା ମଲିକ, ଭାରତୀ ଶର୍ମା, କୈଳାସ ବାରିକ, ଯଯାତି ମଲିକ, ଶରତ ସେଠୀ, ଶ୍ରୀନିବାସ ବିଶ୍ୱାଳ, ଅକ୍ଷୟ ମଲିକ, ସୁରେନ୍ଦ୍ର ପରିଡା, ମାଧବ ଶର୍ମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅର୍ଥ ଲଗାଣକାରୀ ସଂସ୍ଥା ଉପରେ ନିୟନ୍ତ୍ରଣ ନାହିଁ

### ବିଧାନସଭାରେ ଅମରେନ୍ଦ୍ରଙ୍କ ପ୍ରଶ୍ନର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

- ନାଉଗାଁ ବ୍ଲକ ଅଞ୍ଚଳରେ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବା ଉପରେ ବିଚାର ହେବ
- କୋଭିଡ ସମୟରେ କରାଯାଇଥିବା ମାମଲା ଉପରେ ତଥ୍ୟ ସଂଗ୍ରହ ଚାଲିଛି

ଜଗତ୍‌ସିଂହପୁର, ୯।୧୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବିଭିନ୍ନ ସମୟରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକର ଜୁଲମ ବଢ଼ି ଚାଲିଥିବା ଅଭିଯୋଗ ହେଉଛି। ଏପରି କି ଜୁଲମ ଓ ଋଣ ଭାର ସମ୍ଭାଳି ନ ପାରି ଜଗତ୍‌ସିଂହପୁର ଓ ବାଲିକୁଦା ବ୍ଲକ ଅଞ୍ଚଳର ଏକାଧିକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସରକାର ଗ୍ରାମାଞ୍ଚଳ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବାବେଳେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକର ଏଭଳି କାର୍ଯ୍ୟ ଉଦ୍‌ବେଗର କାରଣ ହୋଇଛି। ସରକାର ଏଥିପ୍ରତି ପଦକ୍ଷେପ ନେବେ କି ବୋଲି ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶାଇଛନ୍ତି, ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ରାଜ୍ୟ ସରକାରଙ୍କ କ୍ଷମତା ପରିସରଭୁକ୍ତ ନୁହନ୍ତି। ତେଣୁ ଏହି ସମ୍ବନ୍ଧୀୟ ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ନାହିଁ। ଏ ସଂକ୍ରାନ୍ତରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅନ୍ତର୍ଗତ ଆର୍ଥିକ ସେବା ବିଭାଗକୁ ତଥ୍ୟ ଦେବାକୁ ଅନୁରୋଧ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ରାଜ୍ୟ ସରକାରଙ୍କୁ ମିଳିପାରି ନ ଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ଗାଁ ଗହଳିରେ ଲୋକଙ୍କ ଧାରଣା ଯେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଉପରେ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱ ଅଛି। କିନ୍ତୁ ରାଜ୍ୟ ସରକାର ଉକ୍ତ ସଂସ୍ଥାଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅନୁରୂପ ଭାବେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନାଉଗାଁ ବ୍ଲକ ଅଞ୍ଚଳରେ ଗୋଟିଏ ମୃତଦେହ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରିବାକୁ ବିଧାୟକ ଅମରେନ୍ଦ୍ର ଦାବି କରିଥିଲେ। ଏହାର ଉତ୍ତରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଦର୍ଶାଇଛନ୍ତି, ନାଉଗାଁ ବ୍ଲକ ଅଞ୍ଚଳରେ ଏକ ମୃତଦେହ ବ୍ୟବଚ୍ଛେଦ କେନ୍ଦ୍ର ଖୋଲିବା ସଂକ୍ରାନ୍ତରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟଙ୍କ ଚିଠି ସଂଖ୍ୟା ନଂ.୨୧୧୮୬ ତା ୧୩।୮।୨୪ରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆବଶ୍ୟକ ତଥ୍ୟ ମଗାଯାଇଛି। ତଥ୍ୟ ହସ୍ତଗତ ହେଲାପରେ ଗୃହ ବିଭାଗର ମତାମତ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ। କୋଭିଡ୍ ମହାମାରୀ ସମୟରେ ସାମାଜିକ ଦୂରତା ଉଲ୍ଲଂଘନ ଏବଂ ଅନ୍ୟାନ୍ୟ ଆଇନଗତ ଦିଗକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଭିନ୍ନ ଥାନାଗୁଡ଼ିକରେ ଅନେକ ମାମଲା ରୁଜୁ ହୋଇଥିଲା। ଏପରି କି ପ୍ରଶାସନିକସ୍ତରରେ ବି ଆଇନ ଉଲ୍ଲଂଘନକାରୀ ବ୍ୟବସାୟୀମାନଙ୍କ ବିରୋଧରେ ଜରିମାନା ଧାର୍ଯ୍ୟ କରାଯାଇଥିଲା। ସରକାର ଏ ବିଷୟରେ ଅବଗତ ଅଛନ୍ତି କି ବୋଲି ବିଧାୟକ ଅମରେନ୍ଦ୍ର ପ୍ରଶ୍ନ କରିଛନ୍ତି। ଏଥିସହ ଏ ସଂକ୍ରାନ୍ତ ମାମଲାଗୁଡିକ ପ୍ରତ୍ୟାହାର ପାଇଁ ସରକାର ପଦକ୍ଷେପ ନେବାକୁ ଦାବି ରଖିଛନ୍ତି। ତେବେ ବିଧାୟକଙ୍କ ଏହି ପ୍ରଶ୍ନର ଉତ୍ତରରେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଛନ୍ତି। ବିଧାୟକ ଅମରେନ୍ଦ୍ରଙ୍କ ପ୍ରଶ୍ନ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉତ୍ତର ଦେଖିଲେ ଜଣାଯାଏ ସରକାର ଏସବୁ ପ୍ରସଙ୍ଗକୁ ଗମ୍ଭିରତାର ସହ ନେଇ ତଥ୍ୟ ସଂଗ୍ରହ ସହ ବିଚାରବିମର୍ଷ କରୁଛନ୍ତି। ଆଗକୁ ଦେଖିବାର ଅଛି ସରକାର ଏହା ଉପରେ କି ପଦକ୍ଷେପ ନେଉଛନ୍ତି।

# ୫ ବର୍ଷ ହେଲା ସରୁନି ଜାତୀୟ ରାଜପଥ ନିର୍ମାଣ

## ପ୍ରତିବାଦରେ ରାସ୍ତା ଅବରୋଧ, ଆନ୍ଦୋଳନ

ଯାଜପୁର/ଜେନାପୁର(ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ),୯।୧୨

ଯାଜପୁର ଜିଲା ଅନ୍ତର୍ଗତ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ନିର୍ମାଣ ସରୁ ନ ଥିବାରୁ ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏକାଧିକ ବ୍ୟକ୍ତିଙ୍କ ସଡ଼କ ଦୁର୍ଘଟଣାରେ ଜୀବନ ବି ଯାଇଛି। ଏହିକ୍ରମରେ ପୁଞ୍ଜୀଭୂତ ଅସନ୍ତୋଷ ସୋମବାର ଆନ୍ଦୋଳନର ରୂପ ନେଇଛି। ଏହି ଜାତୀୟ ରାଜପଥର ବ୍ରାହ୍ମଣୀ ସେତୁ ନିକଟ କବାଟବନ୍ଧଠାରେ ସଚେତନ ନାଗରିକ ମଞ୍ଚ, ଟ୍ରକ ମାଲିକ ସଂଘ, ବସ୍ ମାଲିକ ସଂଘ, ଯୁବ ସଂଗଠନ, ମହିଳା ସଂଗଠନ, ଛାତ୍ର ସଂଗଠନ, ବ୍ରାହ୍ମଣୀ ବ୍ରିଜ୍ ବଣିକ ସଂଘ, କଳିଙ୍ଗନଗର ପ୍ରଦୂଷଣ ବିରୋଧୀ ମଞ୍ଚ, ଆଖଣ୍ଡଳ ମଣି ବଣିକ ସଂଘ ପକ୍ଷରୁ ୭ ଘଣ୍ଟା ଧରି ରାସ୍ତା ଅବରୋଧ ଆନ୍ଦୋଳନ ହୋଇଥିଲା। ଏହାବାଦ୍ ମୁକୁନ୍ଦପୁର କଲେଜର ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଆସି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ୪ ଥାକିଆ ସଡ଼କ ନିର୍ମାଣ, ବ୍ରାହ୍ମଣୀ ସେତୁର ବହନ କ୍ଷମତାର ଯାଞ୍ଚ, ଭାରିଯାନ ଚଳାଚଳ ସଂଖ୍ୟା ନିୟନ୍ତ୍ରଣ, ବ୍ରାହ୍ମଣୀ ସେତୁ ଓ ରାସ୍ତାକୁ ଆଲୋକୀକରଣ, ପ୍ରବଳ ଧୂଳିରୁ ରକ୍ଷା ପାଇବା ପାଇଁ ନିୟମିତ ପାଣି ସିଞ୍ଚନ, ସକାଳ ଓ ସନ୍ଧ୍ୟା ସମୟରେ ଭାରିଯାନ ଚଳାଚଳରେ କଟକଣା, ଚଣ୍ଡିଖୋଲ, ଚଢ଼େଇଧରା ଓ କନ୍ତପଡ଼ା ଆଦି ସ୍ଥାନରେ ଥିବା କଲେଜ ଛକଗୁଡ଼ିକରେ ଛାତ୍ରୀଛାତ୍ର ଓ ଯାତ୍ରୀଙ୍କ ପାଇଁ ବିଶ୍ରାମସ୍ଥଳ ନିର୍ମାଣ ଇତ୍ୟାଦି ଦାବି ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଖୁବ୍‌ଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ଶେଷ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶିତିକାନ୍ତ କାନୁନ୍‌ଗୋ, ଚଣ୍ଡିଖୋଲ ଆରଟିଓ ସମ୍ବିତ କୁମାର, ଜେନାପୁର ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ, କଳିଙ୍ଗନଗର ଥାନାଧିକାରୀ ପ୍ରକାଶ ସାହୁ, ବାରଗାଡ଼ିଆ ସମିତିସଭ୍ୟ ମୃତ୍ୟୁଞ୍ଜୟ ଦେଓ, ପଙ୍ଗଲ ସମିତିସଭ୍ୟା ନିରୁପମା ବେହେରା, ଗଙ୍ଗାଧର ମଲ୍ଲିକ ପ୍ରମୁଖ ଆନ୍ଦୋଳନରେ ପହଞ୍ଚିଥିଲେ। ଖବର ପାଇ ଜାତୀୟ ରାଜପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ବିରେନ୍ଦ୍ର ସିଂ ଧାରଣସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କ ଦାବିଗୁଡ଼ିକୁ ମାନିବା ସହ ୭ ଦିନ ଭିତରେ ସଚେତନ ନାଗରିକ ମଞ୍ଚର ସଦସ୍ୟ, ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ପ୍ରଶାସନକୁ ନେଇ ଏକ କମିଟି ଗଢ଼ାଯିବ। କମିଟି ମାଧ୍ୟମରେ ପ୍ରତ୍ୟେକ ଦିନର କାମର ତଦାରଖ କରାଯିବ। ମଙ୍ଗଳବାରଠାରୁ କାମ ଆରମ୍ଭ ହେବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜକାନ୍ତ ବେହେରାଙ୍କ ନେତୃତ୍ୱରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସାମ୍ବାଦିକ ପରମାନନ୍ଦ ସାହୁ, ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲ, ତପନ କୁମାର ଦଳାଇ, ଶକ୍ତି ପ୍ରସାଦ ସାମନ୍ତ, ସୌମ୍ୟ ସାହୁ, ଗଗନ ମହାନ୍ତି, ଯଶୋବନ୍ତ ସାହୁ ପ୍ରମୁଖ ସାମିଲ ଥିଲେ।



ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଆନ୍ଦୋଳନ କରାଯାଉଛି।

# ସମବାୟ ବ୍ୟାଙ୍କ ସମ୍ମୁଖରେ କଂଗ୍ରେସର ଗଣଧାରଣା



କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

ଆଳି,୯।୧୨(ବନମାଳୀ ସେନାପତି):

**ସମବାୟ ସମିତି ଦୁର୍ନୀତି, ଚାଷୀଙ୍କୁ ଋଣ ପ୍ରଦାନରେ ପାତରଅନ୍ତରର ପ୍ରତିବାଦ**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଦୁର୍ନୀତି, ଚାଷୀମାନଙ୍କୁ ଋଣ ଦେବାରେ ପାତରଅନ୍ତର ଓ ଚାଷୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନେବା ଭଳି ସଂଗୀନ ଅଭିଯୋଗ ଆଣି ଆଳି ବ୍ଲକ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସୋମବାର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଗଣଧାରଣା ଦେବା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହି, ସମବାୟ ସମିତିରେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଶୋଷଣ କରାଯାଉଛି। ଚାଷୀମାନଙ୍କ ନିକଟରୁ କୌଶଳ କ୍ରମେ ବ୍ଲାଙ୍କ ଚେକ୍‌ରେ ଦସ୍ତଖତ ନେଇ ସମବାୟର କର୍ମକର୍ତ୍ତା ଓ ବ୍ୟାଙ୍କ କର୍ମଚାରୀ ଋଣ ଟଙ୍କା ହଡ଼ପ କରି ନେଇଛନ୍ତି। ନବଗଠିତ ଜୁଆଣିଆ,ପେତପଡା ଓ ଏକମାଣିଆ ସେବା ସମବାୟ ସମିତିରେ ଋଣ ହଡ଼ପ ଘଟଣା ଏବେ ଚରମ ସୀମାରେ ପହଞ୍ଚିଛି। ବିଗତ ଦିନର ଶାସକ ଦଳ ଓ ବର୍ତ୍ତମାନର ଶାସକ ଦଳର କେତେଜଣ ଦଲାଲଙ୍କ ଦ୍ୱାରା ସୋସାଇଟିର କର୍ମକର୍ତ୍ତା ଓ ବ୍ୟାଙ୍କ କର୍ମକର୍ତ୍ତାଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ୨୦୨୦-୨୧ରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖାରେ ୨୬୦ କୋଟି ୮୦ ଲକ୍ଷ ବୀମା ଟଙ୍କା ହଡ଼ପ ହେବା ସହିତ ଲୋକମାନଙ୍କୁ ଦିଆ ଯାଇଥିବା ୧୧୦୦ ବଳିଆ ଯୋଜନା ଫାଇଲ ମଧ୍ୟରୁ ୪୦୦ ଫାଇଲ ଏବେ ମିଳୁନି। ଖରିଫ ଋଣ ଦେବାରେ ପାତରଅନ୍ତର ସହିତ ରବିଋତୁରେ ଧାନ କିଣାରେ ବଡ଼ ଦୁର୍ନୀତି ହେବାର ସନ୍ଦେହ ରହିଛି। ଯେଉଁ ସମୟରେ ନବ ଗଠିତ ସମବାୟ ସମିତିର କାର୍ଯ୍ୟକାରିତାକୁ ଉଚ୍ଚ ନ୍ୟାୟାଳୟ ରହିତାଦେଶର ଆଦେଶ ଦେଇଥିଲେ ସେ ଆଦେଶକୁ ଅବମାନନା କରାଯାଇ ବେଆଇନ ନିଯୁକ୍ତି ଦେବା ସହିତ ଆଖିବୁଜା ଋଣ ଦିଆଯାଇ ଦୁର୍ନୀତି କରାଯାଇଛି। ଏ ବିଷୟରେ ବିଭିନ୍ନ ସମୟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କେହି ଶୁଣୁନାହାଁନ୍ତି। ଦୀର୍ଘ ଦିନ ହେବ ଶାଖା ପରିଚାଳକ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ତୁରନ୍ତ ବ୍ୟାଙ୍କରେ ଲାଗି ରହିଥିବା ଅଚଳାବସ୍ଥା ଦୂର କରିବା ସହ ଚାଷୀମାନଙ୍କୁ ଋଣ ପ୍ରଦାନ ଓ ହୋଇଥିବା ଦୁର୍ନୀତିର ତଦନ୍ତ ୮ ଦିନ ମଧ୍ୟରେ କରିବାକୁ ଦାବି କରାଯାଇଛି। ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଗଣଧାରଣାରେ ବ୍ଲକ ସଭାପତି ରବି ନାରାୟଣ ବେହେରା, ମାନ ଗୋବିନ୍ଦ ଦାସ, ବୀରେନ୍ଦ୍ର ପଣ୍ଡା, ହରି ବିଶ୍ୱାଳ, ନୀଳମଣୀ ସେଠୀ, ରାକେଶ ଦାସ, ଉତ୍ତମ ମଳିକ, ସୁନାକାର ମଳିକ, ପୂର୍ଣ୍ଣଚନ୍ଦ୍ର ମଳିକ, ପ୍ରକାଶ ମଳିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଭାରିଯାନ ଧକ୍କାରେ ନବବିବାହିତାଙ୍କ ମୃତ୍ୟୁ, ସ୍ୱାମୀ ଗୁରୁତର

ପାରାଦୀପ,୯।୧୨(ଶରତ ରାଉତ):

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଦୋଛକିଠାରେ ସୋମବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର (ଭାରିଯାନ)ଧକ୍କାରେ ଜଣେ ନବବିବାହିତା ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି।



ମୃତା ହେଲେ ଏହି ଥାନା ଅନ୍ତର୍ଗତ ବୃନ୍ଦବେଲାରୀ ଗ୍ରାମର ପଦ୍ମାବତୀ ସାହୁ (୨୧)। ସ୍ୱାମୀ ପ୍ରଭାତ ସାହୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ମୃତା ମହିଳାଙ୍କ ଖଣ୍ଡ ବିଖଣ୍ଡିତ ଶରୀର ରାଜପଥ ଉପରେ ପଡି ରହିଛି। ଏନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ଲକ୍‌ଥାନା ଓ ପାରାଦୀପ ଆଦର୍ଶଥାନା ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଛି।

ସୂଚନା ଅନୁସାରେ, ୬ ମାସ ପୂର୍ବେ ପଦ୍ମାବତୀଙ୍କ ସହ ପ୍ରଭାତଙ୍କ ବିବାହ ହୋଇଥିଲେ। ପ୍ରଭାତ ଏକ ସାର କାରଖାନାରେ କାମ କରନ୍ତି। ସୋମବାର ଅପରାହ୍ନ ୪ଟା ପରେ ସେ ଘରକୁ ଯାଇଥିଲେ। ସେଠାରୁ ସ୍ୱୀ ପଦ୍ମାବତୀଙ୍କୁ ନେଇ ପାରାଦୀପ ବଜାର ଅଭିମୁଖେ ସ୍କୁଟିରେ ଯାଉଥିଲେ। ମାତ୍ର ଦୋଛକି ପାଖରେ ଭାରିଯାନ ଦୁର୍ଘଟଣା ଯୋଗୁ ପ୍ରଭାତ ଛିଟିକି ଦୂରରେ ପଡ଼ିଥିବାବେଳେ ପଦ୍ମାବତୀ ଗାଡ଼ି ଚକ ସହ ଘୋଷାଡ଼ି ହୋଇ କିଛି ବାଟ ପଳାଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ସମ୍ପୃକ୍ତ ଗାଡ଼ି ଚଣ୍ଡିଖୋଲ ଅଭିମୁଖେ ପଳାଇ ଯାଇଥିବାବେଳେ ପୋଲିସ ଗାଡ଼ିକୁ ଧରିବା ପାଇଁ ତଲାସୀ ଜାରି ରଖିଛି।

## ବକେୟା ଟଙ୍କା ମାଗିବାକୁ ନେଇ ମାରପିଟ, ୩ ଆହତ

ରସୁଲପୁର,୯।୧୨(ରଂଜିତ ରାଉତ):

କୁଆଖିଆ ଥାନା ଅଲତାପୁର ଗ୍ରାମର ଦେବଦର୍ଶୀ ସାହୁ ଓରଫ ରାଣା (୨୭) ଓ ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ପ୍ରସନ୍ନଜିତ୍ ସାହୁଙ୍କ ମଧ୍ୟରେ ବକେୟା ଟଙ୍କା ମାଗିବାକୁ ନେଇ ମାରପିଟ ହୋଇଛି। ଏହି ଗଣ୍ଡଗୋଳରେ ରାଣାଙ୍କ ସମ୍ପର୍କୀୟ ଭାଇ ଦିବ୍ୟପ୍ରକାଶ ଜେନା ଆହତ ହୋଇଥିବା ବେଳେ ବିପକ୍ଷରୁ ପ୍ରସନ୍ନଜିତ୍ ଓ ତାଙ୍କ ସାଙ୍ଗ ସ୍ମୃତିରଂଜନ ସାହଣୀ(୩୯) ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଦେବଦର୍ଶୀଙ୍କ ଅଭିଯୋଗ ଆଧାରରେ ନଂ.୫୧୨/୨୪ ଓ ପ୍ରସନ୍ନଜିତ୍‌ଙ୍କ ଅଭିଯୋଗ ଆଧାରରେ ନଂ.୫୧୩/୨୪ରେ ମାମଲା ରୁଜୁ କରାଯାଇଛି। ଉଭୟ ପକ୍ଷରୁ ଟଙ୍କା, ସୁନା ଚେନ୍, ବ୍ରେସଲେଟ୍ ଆଦି ଛଡାଇ ନେଇଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଉକ୍ତ ଘଟଣାକୁ ନେଇ କୁଆଖିଆ ଅଞ୍ଚଳରେ ଭିନ୍ନ ଆଲୋଚନା ହେଉଛି। ଆଲୋଚନାରୁ ଜଣାଯାଇଛି କି ଦୁଇ ଗୋଷ୍ଠୀ ମଧ୍ୟରେ ବନ୍ଧୁତାଥିଲା। କୁଆଖିଆ ବଜାରସ୍ଥିତ ମଦ କାଉଣ୍ଟର ନିକଟରେ ମଦ୍ୟପାନ କରିବା ସମୟରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ମଦ ପିଇବା ଓ ତାକୁ ନେଇ ଟଙ୍କା ପୈଠ କରିବାରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଓ ପରେ ମାରପିଟ୍ ହୋଇଥିଲା ବୋଲି ଆଲୋଚନା ହେଉଛି।

# ଯାଞ୍ଚ ହେଲା ହିତାଧିକାରୀଙ୍କ କାଗଜପତ୍ର


ଅଧିକାରୀମାନେକ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

ଆଳି,୯।୧୨(ବନମାଳୀ ସେନାପତି):

**ଅରଗଳ ଭେଣ୍ଡିଆଙ୍କୁ ଭତ୍ତା ପ୍ରଦାନ ପ୍ରସଙ୍ଗ**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରଗଳ ପଞ୍ଚାୟତରେ ହୋଇଥିବା ଭତ୍ତା ଅନିୟମତତା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗତ ଫେବୃଆରୀରେ ଅରଗଳ ପଞ୍ଚାୟତରେ ୩୦୩ ଜଣଙ୍କ ନାମରେ ନୂତନ ଭତ୍ତା ମଞ୍ଜୁର ହୋଇଥିବେ ବେଳେ ଗତ ସେପ୍ଟେମ୍ବରରେ ଭାଜପା ପକ୍ଷରୁ ଅରଗଳରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରେ ୨ଶହରୁ ଊର୍ଦ୍ଧ୍ୱ ଭେଣ୍ଡିଆଙ୍କୁ ଭତ୍ତା ଦିଆଯାଇଥିବା ଅଭିଯୋଗ ଆଣିବା ପରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ନୂତନ ହିତାଧିକାରୀଙ୍କ ଭତ୍ତା ବନ୍ଦ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଭେଣ୍ଡିଆଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ତଦନ୍ତରେ ୬୫ ଜଣ ଧରା ପଡିଥିବା ବେଳେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ସମସ୍ତ ଭତ୍ତାହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ ସହିତ ବୟସ ଜାଣିବା ନିମନ୍ତେ ମେଡିକାଲ ଟିମ୍‌ର ସହାୟତା ନିଆଯାଇଥିଲା।

ସୂଚନା ଅନୁଯାୟୀ, ଗତ ଫେବୃଆରୀରେ ଆଳି ବ୍ଲକର ଅରଗଳ ପଞ୍ଚାୟତରେ ମୋଟ ୩୦୩ ହିତାଧିକାରୀଙ୍କୁ ନୂତନ ଭତ୍ତା ମଞ୍ଜୁର ହୋଇଥିଲା। ହିତାଧିକାରୀମାନେ ଅଗଷ୍ଟ ମାସ ପର୍ଯ୍ୟନ୍ତ ପ୍ରାୟ ୭ ମାସ ଭତ୍ତା ପାଇବା ପରେ ୩୦୩ ହିତାଧିକାରୀଙ୍କ ମଧ୍ୟରେ ୨୪୩ ଜଣ ଭେଣ୍ଡିଆ ହିତାଧିକାରୀ ଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ୩୦୩ ହିତାଧିକାରୀଙ୍କ ମଧ୍ୟରୁ ୧୧ ଜଣ ଭିନ୍ନକ୍ଷମ /ବିଧବା ମହିଳାଙ୍କୁ ବାଦଦେଇ ୨୯୨ ଜଣ ହିତାଧିକାରୀଙ୍କ ଭତ୍ତା ବନ୍ଦ କରି ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆଳି ବ୍ଲକ ପ୍ରଶାସନ ପକ୍ଷରୁ ଏକ କମିଟି କରାଯାଇ ତଦନ୍ତ କରାଯିବା ପରେ ୬୫ ଜଣ ହିତାଧିକାରୀ ଜାଲ ସାର୍ଟିଫିକେଟ ମାଧ୍ୟମରେ ଭତ୍ତା ହାତେଇଥିବା ଜଣା ପଡିଥିଲା। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଅରଗଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ବନ୍ଦ ଥିବା ୨୯୨ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ ନିମନ୍ତେ ଏକ ଟିମ ବସିଥିଲା। ବିଡ଼ିଓ ମିନତୀ ଜଗଦେବ, ମେଡିକାଲ ଅଫିସର ପ୍ରଣବ ଶୁକ୍ଳା, ଡାକ୍ତର ଇନ୍ଦ୍ରଭାନୁ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ପ୍ରଭାତ କେଶରୀ ପରିଡ଼ା, ମଣ୍ଡଳ ସାମ୍ପ୍ରସାରଣ ଅଧିକାରୀ ରଜନୀକାନ୍ତ ନାୟକ ଏହି ଟିମରେ ସାମିଲ ହୋଇ ପଞ୍ଚାୟତର ଭତ୍ତା ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରିବା ସହ ମେଡିକାଲ ଟିମ ବୟସ ଯାଞ୍ଚ କରିଥିଲା। ମୋଟ ୨୯୨ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୩୦ ଜଣ ହିତାଧିକାରୀ ଏହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୬୨ ଜଣ ଅନୁପସ୍ଥିତ ରହିଥିଲେ। ଆଳି ମେଡିକାଲ ଅଫିସର ରିପୋର୍ଟ ଦେବା ପରେ ସତ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସାଗରିକା


@ ଗୌରାଙ୍ଗ


@ କ୍ଷୀରଧର


@ ଦେବାଶିଷ


@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



# ବାଘ ଶିକାରକୁ ନେଇ ଚିନ୍ତା

- ନାହିଁ ସୁରକ୍ଷା ଓ ସଚେତନତା
- ସଙ୍କଟରେ ଜାତୀୟ ପ୍ରାଣୀ
- ୪ ବର୍ଷରେ ୧୨ରୁ ଊର୍ଦ୍ଧ୍ୱ ବାଘ ଛାଲ, ମୃତଦେହ ଜବତ

**ନୟାଗଡ଼,୯। ୧୨(ଲୋକନାଥ ମିଶ୍ର)**

ଅବାଧ ବାଘ ଶିକାର ଚିନ୍ତା ବଢ଼ାଇଛି। ସୁରକ୍ଷା ଓ ସଚେତନତା ଅଭାବରୁ ଧିରେ ଧିରେ ଜାତୀୟ ପ୍ରାଣୀ ବାଘ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ନୟାଗଡ଼ ଜିଲାରେ ରହିଥିବା ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜ, ନୟାଗଡ଼ ବନଖଣ୍ଡର ଜଙ୍ଗଲ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ବାଘ ଅଛନ୍ତି କି ନାଁ ବିଭାଗ ପକ୍ଷରୁ କିଛି କୁହାଯାଉନାହିଁ। ତେବେ ଖଣ୍ଡପଡ଼ା ରେଞ୍ଜର ସାପୁଆ ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବାଘର ମୃତଦେହ ଜବତ ପରେ ଜିଲାର ଜଙ୍ଗଲରେ ବାଘ ରହିଥିବା ପ୍ରସଙ୍ଗକୁ ଅଣଦେଖା କରାଯାଇ ପାରୁନାହିଁ। ପୁଣି ୪ ବର୍ଷରେ ୧୨ରୁ ଊର୍ଦ୍ଧ୍ୱ ବାଘ ଛାଲ ଜବତ ଘଟଣା ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଲଗାଇଛି। ତେବେ ବିଭିନ୍ନ ସମୟରେ ବାଘର ମୃତଦେହ, ଛାଲ, ନଖ ଜବତ କରାଯାଇ ବିଭାଗ ବାହାବା ନେବାରେ ଲାଗିଛି।

ସୂଚନା ଅନୁଯାୟୀ, ନୟାଗଡ଼ ବନଖଣ୍ଡ ଇକିରି ପଞ୍ଚାୟତ ଝରଦେଇ ପୀଠ ନିକଟରୁ ୨୦୨୩ ଡିସେମ୍ବର ୩ରେ ନୟାଗଡ଼ ବନବିଭାଗ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଚଢ଼ାଉ କରାଯାଇ କଲରାପତରିଆ ବାଘ ଛାଲ ଜବତ କରାଯିବା ସହ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଛି। ସେହିପରି ଦଶପଲ୍ଲା ବ୍ଲକ କୁଆଁରିଆଁ ଡ୍ୟାମ୍ ହରିଣ ପାର୍କ ନିକଟରୁ ୨୦୨୩ ନଭେମ୍ବର ୧୧ରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ବାଣିଗୋଛା ଥାନା ବାଲିବେରଣୀ ଗାଁର ଜଣେ ବାଘ ଶିକାରୀଙ୍କୁ ଗିରଫ ସହ ୨ କଲରାପତରିଆ ବାଘ ଛାଲ ଜବତ କରିଥିଲା। ପୁଣି ପଞ୍ଚରିଡା ରେଞ୍ଜର ବନ କର୍ମଚାରୀମାନେ ୨୦୨୨ ଅଗଷ୍ଟରେ ଗୋଡିପଲ୍ଲି ଗାଁର ସଞ୍ଜୟ ସ୍ୱାଇଁ ନାମକ ଜଣେ କଲରାପତରିଆ ବାଘ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୪ ବର୍ଷ ତଳେ ୪ଜଣ ଶିକାରୀ ମିଳିତ ହୋଇ କରିଥିଲେ ବାଘ ଶିକାର। ତେବେ ଶିକାର ସମୟରେ ବାଘ ସହ ଏକ ଫଟୋ ଉଠାଇ ଜଣେ ଶିକାରୀ ଫସିଥିବାବେଳେ ୩ଜଣ ଫେରାର ଅଛନ୍ତି। ୨୦୨୨ ସେପ୍ଟେମ୍ବର ମାସରେ ରଣପୁର ରେଞ୍ଜ ରଣପୁର ମଣିନାଗସାହିରୁ ଖୋର୍ଦ୍ଧା ବନବିଭାଗ ଚଢ଼ାଉ କରି ବାଘ ଦାନ୍ତ ଜବତ କରିଥିଲେ। ୨୦୨୨ ନଭେମ୍ବର ୫ରେ ଏସ୍‌ଟିଏଫ୍ ଟିମ୍ ପକ୍ଷରୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ରେଞ୍ଜ(ପଶ୍ଚିମ) ବାଣିଗୋଛା ରେଞ୍ଜର କୁଆଁରିଆ ଡ୍ୟାମ ନିକଟସ୍ଥ ଭୋଗବାଡି ଗାଁ ନିକଟରୁ ୨ଟି କଲରାପତରିଆ ବାଘ ଛାଲ, ୧ ହରିଣ ଛାଲ ଓ ଗୋଟିଏ ଶାଳିଆପତନି ଛାଲ ଜବତ କରିଥିଲା। ବାଘ ସମେତ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଏସ୍‌ଟିଏଫ୍ ପକ୍ଷରୁ ଭୋଗବାଡି ଗାଁର ଭାଗବତ ମାଝୀ ଓରଫ ରମେଶ (୩୦) ନାମକ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ପୁଣି ରଣପୁର ରେଞ୍ଜ ଅସୁରକୁମାରୀ ଜଙ୍ଗଲରେ ୨୦୨୦ ଅପ୍ରେଲରେ ଘଟିଥିବା ୨ ବାଘ ଶିକାର ଘଟଣା ଲୁଚିବା ବଦଳରେ ଗୁମର ଖୋଲିଗଲା। ହାଇକୋର୍ଟଙ୍କ ଛାଟ ପରେ ରଣପୁର ଥାନା ପୋଲିସ ବାଧ୍ୟ ହୋଇ ୯ମାସ ପରେ ଖୋର୍ଦ୍ଧା ବନଖଣ୍ଡର ତତ୍କାଳୀନ ଏସିଏଫ୍ ରବୀନ୍ଦ୍ର ମହାପାତ୍ର, ତତ୍କାଳୀନ ରଣପୁର ଭାରପ୍ରାପ୍ତ ସହକାରୀ ରେଞ୍ଜର ଶରତ ଚନ୍ଦ୍ର ଶତପଥୀ, ତତ୍କାଳୀନ ଫରେଷ୍ଟ ଗାର୍ଡ ରିତା ସାହୁ , ରଣପୁର ଫରେଷ୍ଟର କୈବଲ୍ୟ ବେହେରା, ମା ଅସୁରକୁମାରୀ ବନ ସୁରକ୍ଷା ସମିତିର ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡା, ବଜ୍ରକୋଟ ଗାଁ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା କରି ତଦନ୍ତ କରିଥିଲା। ସେହିପରି ୨୦୨୦ ଜୁନ ଜୁନରେ ବନ୍ଧମୁଣ୍ଡା ସମିତି ସଭ୍ୟଙ୍କ ଠାରୁ ଗୋଟିଏ ବାଘ ଛାଲ ଜବତ କରାଯାଇ ଗିରଫ କରାଯାଇଥିଲା। ସେହିମାସ ୮ ତାରିଖରେ ଦଶପଲ୍ଲା ରେଞ୍ଜ ଗିରିପୂଜା ଜଙ୍ଗଲରୁ ୨ଜଣଙ୍କୁ ଗିରଫ କରାଯାଇ ବାଘ ଓ ହରିଣ ଛାଲ ଜବତ କରାଯାଇଥିଲା।

ଏ ନେଇ ସମାଜିକ କର୍ମୀ ଦିଲୀପ ସାମନ୍ତରା କୁହନ୍ତି, ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ କଲରାପତରିଆ ବାଘ ଅଛନ୍ତି। ବିଭିନ୍ନ ସମୟରେ ପୁଣି ଶିକାର ହେଉଛି। ଖଣ୍ଡପଡ଼ା ରେଞ୍ଜ ସାପୁଆ ସଂରକ୍ଷିତ ଜଙ୍ଗଲରୁ ବିଦ୍ୟୁତ୍ ଫାସରେ ବାଘର ମୃତ୍ୟୁ ପରେ ବାଘର ମୃତଦେହ ଜବତ କରାଯାଇଛି। ଯଦି ଜିଲାରେ ବାଘ ନାହାନ୍ତି ତେବେ ମୃତଦେହ ଆସୁଛି କୁଆଡୁ। ହେଲେ ଯେଉଁମାନେ ବାଘ ସୁରକ୍ଷା ଦେବା ପାଇଁ କାମ କରୁଛନ୍ତି ଓ ବାଘ ଶିକାର ଲୋକଲୋଚନକୁ ଆଣୁଛନ୍ତି ସେମାନଙ୍କ ନାଁରେ ମୋକଦ୍ଦମା କରାଯାଉଛି।ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି।

# ନୂଆଗାଁ ହାଇସ୍କୁଲରେ ବର୍ଣ୍ଣାଳୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ନୂଆଗାଁ,୯।୧୨(ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସରକାରୀ ହାଇସ୍କୁଲ ପରିସରରେ ସୋମବାର ୩ ଦିବସୀୟ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବର୍ଣ୍ଣାଳୀ ଆରମ୍ଭ ହୋଇଯାଇଛି। ଓସେପା ଏବଂ ସମଗ୍ର ଶିକ୍ଷାର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ଲିଙ୍ଗଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ବିଷୟରେ ବିଭିନ୍ନ ବିଦ୍ୟାଳୟରୁ ଆସି ଉପସ୍ଥିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ଆସନ୍ତା ୧୧ ତାରିଖରେ ଶେଷ ହେବା ନେଇ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ, ନୂଆଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ଭୀମସେନ ଦାସ, ସିଆରସିସି କୈଳାସ ଚନ୍ଦ୍ର ନାୟକ, ପ୍ରଭାତି ମିଶ୍ର, ସୁଚିସ୍ମିତା ପ୍ରଧାନଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ।

# ଟ୍ୟାଙ୍କରରୁ ପାନୀୟଜଳ ଅପଚୟ

**ନୟାଗଡ,୯।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ମ୍ୟୁନିସିପାଲିଟି ବିଜୁ ମାର୍କେଟ ଛକର ମାଛ ବଜାର ସମ୍ମୁଖରେ ସୋମବାର ଏକ ପାନୀୟ ଜଳ ଟ୍ୟାଙ୍କରରୁ ପାନୀୟ ଜଳ ରାସ୍ତାରେ ଅପଚୟ କରାଯାଉଥିବାର ଦେଖିବାକୁ ମିଳିଥିଲା। ପ୍ରାୟ ୧୦ ମିନିଟ ଧରି ପାଣି ଆପେ ଆପେ ରାସ୍ତାରେ ପଡୁଥିଲେ ମଧ୍ୟ ଟ୍ୟାଙ୍କର ଡ୍ରାଇଭର ନୀରବ ରହିଥିଲେ । ପରେ ଟ୍ୟାଙ୍କରଟି ସଂପୃକ୍ତ ଅଞ୍ଚଳରୁ ଚାଲି ଯାଇଥିଲେ ମଧ୍ୟ ଡ୍ରାଇଭର ପାଣି ବନ୍ଦ କରିବାର ବ୍ୟବସ୍ଥା କରି ନ ଥିଲେ । ପାନୀୟ ଜଳର ଅପବ୍ୟୟକୁ ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ରାସ୍ତାରେ ଠିଆ ହୋଇଥିବା ଟ୍ୟାଙ୍କରରୁ ପାଣି ଝରୁଛି।

# ୨୫ ଅଭିଯୋଗ ତତ୍କାଳ ସମାଧାନ ହେଲା



ଜନ ଶୁଣାଣି ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ।

**ଦଶପଲ୍ଲା,୯।୧୨(ପ୍ରକାଶ କୁମାର ପାଣି)**

ସୋମବାର ଦିନ ଦଶପଲ୍ଲା ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଗୃହରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲାପାଳଙ୍କ ସମେତ ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଡ଼ିଓ, ତହସିଲଦାର, ଅବକାରୀ ନୀରିକ୍ଷକ, ବ୍ଲକ ସାମାଜିକ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ଯୋଗଦାନ କରିଥିଲେ। ଶିବିରରେ ମୋଟ ୧୦୭ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ୯୯ଟି ହୋଇଥିବା ବେଳେ ୫ସାମୂହିକ, ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଇଁ ୩ ଅଭିଯୋଗ ଆସିଥିଲା। ଏହି ଅଭିଯୋଗର ଶୁଣାଣି କରି ୨୫ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# କୁମ୍ଭାରପଡ଼ା ଅଙ୍ଗନୱାଡି କେନ୍ଦ୍ରକୁ ରାସ୍ତା ନାହିଁ


ରାସ୍ତା ନ ଥିବା ଅଙ୍ଗନୱାଡି କେନ୍ଦ୍ର।

**ଖଣ୍ଡପଡା,୯।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡା ପଞ୍ଚାୟତର ୨ନଂ. ୱାର୍ଡ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ୧ନଂ. ଓ ୩ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅଙ୍ଗନୱାର୍ଡି କେନ୍ଦ୍ର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଥିବାରୁ ସଦା ସର୍ବଦା ସରୀସୃପଙ୍କ ଭୟ ଲାଗି ରହିଛି । ସ୍ଥାନୀୟ ତଅଁଳାସାହି, ନୂଆସାହି, କରମ ସାହି, ଗୋଡିସାହି, ଫଳିକିଆସାହି ଆଦି ସାହିର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପିଲା ଉକ୍ତ କେନ୍ଦ୍ରରେ ପାଠ ପଢୁଛନ୍ତି। ମୁଖ୍ୟ ରାସ୍ତା ଠାରୁ ଅଙ୍ଗନୱାଡି କେନ୍ଦ୍ରକୁ ସଂଯୋଗ କରୁଥିବା ମାଟି ରାସ୍ତା ଦେଇ ପିଲାମାନେ ପାଠ ପଢିବାକୁ ଯାଉଛନ୍ତି। ଅଙ୍ଗନୱାର୍ଡି କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାର ସିମେଣ୍ଟ କଂକ୍ରିଟକରଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ଅଙ୍ଗନୱାର୍ଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗୀକରଣ, ପାନୀୟ ଜଳ ଯୋଗାଣ ହୋଇ ନ ଥିବାରୁ ବିଶେଷ କରି ଖରାଦିନେ ପିଲାମାନେ ପାଠ ପଢିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଙ୍ଗନୱାର୍ଡି କେନ୍ଦ୍ର ପ୍ରତି ଖଣ୍ଡପଡ଼ା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ବ୍ଲକ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସାଗରିକା


@ ଗୌରାଙ୍ଗ


@ କ୍ଷୀରଧର


@ ରଶ୍ମିରଞ୍ଜନ


@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଟିଏ ଛାତ ତଳେ ଚାଲିଛି ଏକାଧିକ ଅନୁଷ୍ଠାନ

## ଅନୁଦାନ ଥାଇ ମଧ୍ୟ ହେଉନି ସ୍କୁଲ ଗୃହ ନିର୍ମାଣ

**ନୂଆଗାଁ,୯।୧୨(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଚକାପଥର ଗ୍ରାମରେ ଗୋଟିଏ ଗୃହ ସାଙ୍ଗକୁ ଛୋଟିଆ ବାରଣ୍ଡା ଥିବା କୋଠଘରେ ଗାଁ ଲୋକଙ୍କ ବିବାହ, ବ୍ରତ ଆଦି ଆନୁଷ୍ଠାନିକ କାମ ସହିତ ଦୁଇଟି ସରକାରୀ ଅନୁଷ୍ଠାନ ଚାଲୁଛି। କିଭଳି ଏକା ସମୟରେ ୨ଟି ସରକାରୀ ଅନୁଷ୍ଠାନ ଚାଲୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଆଦିବାସୀ ଗ୍ରାମ ଚକାପଥର ଗ୍ରାମବାସୀଙ୍କ ସାମୂହିକ କାର୍ଯ୍ୟକୁ ଦୃଷ୍ଟିରେ ରଖି ଗାଁ ମଝିରେ ଏକ କୋଠଘର ନିର୍ମାଣ କରାଯାଇଛି। ସେହି କୋଠଘରେ ଗୋଟିଏ ଗୃହ ସାଙ୍ଗକୁ ଗୋଟିଏ ଛୋଟିଆ ବାରଣ୍ଡା ରହିଛି। ଉକ୍ତ ଗୃହରେ ଗାଁ ଲୋକମାନଙ୍କର ବିବାହ, ବ୍ରତ ଆଦି କାର୍ଯ୍ୟରେ ବ୍ୟବହାର ସାଙ୍ଗକୁ ଭୋଜିଭାତ କରାଯାଇଥାଏ। ଏହା ବ୍ୟତୀତ ସେହି ଗୃହରେ ଚକାପଥର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସାଙ୍ଗକୁ ଚକାପଥର ଡାକଘର ମଧ୍ୟ ସେଠାରେ ଚାଲେ। ତେବେ ବିଦ୍ୟାଳୟ ଓ ଡାକଘର ଉଭୟ ସରକାରୀ ଅନୁଷ୍ଠାନ ହୋଇଥିବା ବେଳେ ଉଭୟ ଅନଷ୍ଠାନ ଖୋଲା ରହିବାର ସମୟ ନିର୍ଘଣ୍ଟ ମଧ୍ୟ ସମାନ। ଚକାପଥର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧ମ ଶ୍ରେଣୀଠାରୁ ୫ମ ଶ୍ରେଣୀ ଯାଏ ୭ ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ୨ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ୨୦୦୮ରେ ସ୍ଥାପିତ ହୋଇଥିବା ସ୍କୁଲ ଦୀର୍ଘ ୧୬ ବର୍ଷ ହେଲା ୫ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଗାଁ କୋଠଘରର ଗୋଟିଏ କୋଠରୀରେ ବସାଇ ୨ ଜଣ ଶିକ୍ଷକ ପାଠ ପଢାଉଛନ୍ତି।


କୋଠଘରେ ଚାଲିଛି ବିଦ୍ୟାଳୟ ।

ତେବେ ସେଠାରେ ଛାତ୍ରୀଛାତ୍ରମାନେ କିଭଳି ପାଠ ପଢୁଥିବେ ତାହା ସହଜେ ଅନୁମେୟ। ଅନୁରୂପେ ଭାବେ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ରୋଷେଇ ଘର ନ ଥିବାରୁ ପାଚିକା ବାଧ୍ୟ ହୋଇ ନିଜ ଘରେ ରୋଷେଇ କରି ଖାଇବାକୁ ଦିଅନ୍ତି । ପୂର୍ବରୁ ସ୍କୁଲ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। କିନ୍ତୁ ସେହି ଅନୁଦାନରେ ବିଦ୍ୟାଳୟ ଗୃହ ଅଧା ନିର୍ମାଣ କରି ସବୁ ଅନୁଦାନ ଆତ୍ମସାତ କରାଯାଇଥିଲା। ଏଥିପାଇଁ ବିଦ୍ୟାଳୟ ଗୃହ ନିର୍ମାଣ ଅଧପନ୍ତରିଆ ଭାବେ ପଡିରହିବା ପରେ ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଲୋପ ପାଇ ଗଲାଣି। ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଅନୁଦାନ ଆସି ଟେଣ୍ଡର ସରିଥିଲେ ମଧ୍ୟ ଅଦ୍ୟାବଧି ସ୍କୁଲ ଗୃହ ନିର୍ମାଣ ଆରମ୍ଭ କରାଯାଇ ନାହିଁ। ଯାହା ଫଳରେ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ସ୍କୁଲ ଗୃହ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜାଗା ଚିହ୍ନଟ ସରିଥିବା କଥା ମାଳିସାହି ଆରଆଇ ମନ୍‌ଜିତ ଶର୍ମା କହୁଥିବା ବେଳେ ଠିକ୍ ଭାବେ ଜାଗା ଚିହ୍ନଟ ହୋଇ ନ ଥିବାରୁ ଠିକାଦାର କାମ ଆରମ୍ଭ କରି ପାରୁ ନାହିଁ ବୋଲି ମାଳିସାହି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ଦାସ କହିଛନ୍ତି। ଏ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ରାଜସ୍ୱ ବିଭାଗ ଜାଗା ଚିହ୍ନଟ ଦେଇଥିବା ମୁଁ ଜାଣି ନାହିଁ। ଏ ସଂକ୍ରାନ୍ତ ରେ ମୁଁ ତହସିଲଦାରଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି ବିଡିଓ ରାଉଳ।



